# Akashvani, Sambalpur

## SAMBALPURI NEWS EVENING BULLETIN

## 18 December 2024- 7.02 pm- 7.12 pm.

**********************************************

୧- ରାଏଜେ ଅଏତ୍‌କା ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବାର୍ ଲାଗି ସର୍‌କାର୍ କାମ୍ କରୁଛନ୍ - କହେଲେ ମୁଖ୍ୟମନ୍ତ୍ରୀ ।

୨- ଭୁବନେଶ୍ୱର୍ ଠାନେ ମୁଲ୍ ହେଲା ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ- ୨୦୨୪ ।

୩- ରାଜ୍ୟର୍ ୧୯ ଟା ଜିଲ୍ଲା ନ ଚାଲିଛେ ଯକ୍ଷ୍ମା ନିରାକରଣ୍ ଅଭିଯାନ୍ ।

୪- ବର୍‌ପାଲି ଠାନେ ଆଏଜ୍‌ଠାନୁ ଆରମ୍ଭ ହେଲା ୩ ଦିନିଆ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ୍ ପ୍ରଦର୍ଶନୀ ।

ଆଉର୍

୫- ପୁରୀ ଠାନେ ଆଏଜ୍‌ଠାନୁ ମୁଲ୍ ହେଲା ୬୮ ନମ୍ବର୍ ବିଚ୍ ଭଲିବଲ୍ ଚମ୍ପିଅନ୍‌ସିପ୍ ।

ମୁଖ୍ୟମନ୍ତ୍ରୀ -କେନ୍ଦୁଝର୍        ଆର୍ଏନ୍ୟୁ/ କଟକ୍

ରାଏଜେ ଅଏତ୍କା ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍ବାର୍ ଲାଗି ସର୍କାର୍ କାମ୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ୩ ଦିନିଆ କେନ୍ଦୁଝର୍ ଜିଲ୍ଲା ଗସ୍ତର୍ ୨ ନମ୍ବର୍ ଦିନେ ଆଏଜ୍ ଉପର୍ବେଲା ମୁଖ୍ୟମନ୍ତ୍ରୀ ଜିଲ୍ଲା ଅଡ଼ିଟୋରିୟମ୍ ନ ଗୁଟେ ସ୍ୱେଚ୍ଛାସେବୀ ସଂଗଠନ୍ର ବାର୍ଷିକ୍ ଉସ୍ବବ୍ଥି ଯୋଗ୍ ଦେଇକରି କହିଛନ୍ ଯେ, କେନ୍ଦୁଝର୍ନୁ ଦିଲ୍ଲୀକେ ବହୁତ୍ ଜଲ୍ଦି ସବୁଦିନିଆ ଟ୍ରେନ୍ ଚାଲ୍ବା ।

ପୁର୍ନା ସହର ସିଦ୍ଧମଠ ଠାନେ ଆଏଜ୍ ସଖାଲେ ମୁଖ୍ୟମନ୍ତ୍ରୀ ଗୁଟେ ଭୂମିପୂଜନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇଥିଲେ । ତାର୍ଉତାରୁ ହେଣ୍ଡ୍ବଲ୍ ପଡ଼ିଆ ନ ଚାଲିଥିବା ସବ୍-ଜୁନିୟର୍ ହେଣ୍ଡବଲ୍ ପ୍ରତିଯୋଗିତାର୍ ଉଦ୍ଯାପନୀ ଉସ୍ବବ୍ଥି ଯୋଗ୍ ଦେଇକରି ବିଜୟୀ ଦଲ୍କେ ପୁରସ୍କୃତ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଆର୍ ତେଲ୍କୋଇ ବିଧାୟକ୍ ଫକୀର୍ ମୋହନ୍ ନାୟକ୍ ପ୍ରମୁଖ ଉପସ୍ଥିତ୍ ଥିଲେ । ସଞ୍ଜ୍ବେଲେ କାଳୀପଡ଼ିଆ ନ ହେବାର୍କେ ଥିବା ଗୋନାସିକା ମହୋତ୍ସବ୍କେ ମୁଖ୍ୟମନ୍ତ୍ରୀ ଉଦ୍ଘାଟନ୍ କର୍ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ମୁଖ୍ୟମନ୍ତ୍ରୀ ଗସ୍ତ ହି.ସ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ଠାନୁ ୫ ଦିନିଆ ଗସ୍ତଥି ଦିଲ୍ଲୀ ଆର୍ ରାଜସ୍ଥାନ୍ ଯିବେ । ଆଏବା ୧୯ , ୨୦ ଆର୍ ୨୧ ତାରିଖ୍ଥି ରାଜସ୍ଥାନ୍ ଠାନେ ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ ବଲି ସୂଚ୍ନା ମିଲିଛେ । ରାଜସ୍ଥାନ୍ ଠାନେ ୫୫ ନମ୍ବର ଜିଏସ୍ଟି ବୈଠକ୍ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ୍ ଦେବେ । ସେଆଡ଼େ ୨୧, ୨୨ ଆର୍ ୨୩ ତାରିଖ୍ଥି ଦିଲ୍ଲୀ ଗସ୍ତ କରିକରି ମୁଖ୍ୟମନ୍ତ୍ରୀ ପ୍ରାକ୍ ବଜେଟ୍ ବୈଠକ୍ଥି ଯୋଗ୍ ଦେବେ ବଲି ସୂଚ୍ନା ମିଲିଛେ ।

ଏନ୍ସିଇଆର୍ଟି ପୁସ୍ତକ୍-ଶିକ୍ଷା ମନ୍ତ୍ରୀ ଆର୍ଏନ୍ୟୁ/କଟକ

ଜାତୀୟ ଶିକ୍ଷା ଗବେଷଣା ଆର୍ ପ୍ରଶିକ୍ଷଣ ପରିଷଦ୍ ଆଏବା ବଛ୍ରୁ କେତେ ବହି ଶସ୍ତା କର୍ବା ବଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ । ସଂସଦନେ ଇତାକେ ନେଇକରି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ ଯେ, ଏନ୍ସିଇଆର୍ଟି ଆଏବା

ଶିକ୍ଷା ବଛର୍‌ନୁ ୧୫ କୋଟି ଗୁଣାତ୍ମକ୍ ମାନର୍ ପୁସ୍ତକ୍ ପ୍ରକାଶ କରି ଶସ୍ତାରେ ଛାତ୍ରଛାତ୍ରୀଙ୍କୁ ଯୋଗାଇଦେବେ । ୨୦୨୬-୨୭ ଶିକ୍ଷା ବଛର୍‌ନୁ ନୂଆ ଶିକ୍ଷାନୀତି ଅନ୍‌ସାରେ ୯ ଆର୍ ୧୦ କ୍ଲାସ୍ ଯାଏକ୍ ପରିବର୍ତ୍ତିତ୍ ପାଠ୍ୟ ପୁସ୍ତକ୍ ଯୋଗାଇ ଦିଆଯିବା ।

ରାଜ୍ୟସ୍ତରୀୟ ସର୍ଗିଫୁଲ ଉସ୍‌ବ୍ I&PR

ଭୁବ୍‌ନେଶ୍ୱର୍ ଆଦିବାସୀ ପଡ଼ିଆଠାନେ ରାଜ୍ୟସ୍ତରୀୟ ସର୍ଗିଫୁଲ ଉସ୍‌ବ୍-୨୦୨୪ ଆଏଜ୍ ମୁଲ୍ ହେଇଛେ । ୩ ଦିନିଆ ଇ ଉସ୍‌ବ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଉଦ୍‌ଘାଟନ୍ କରିଛନ୍ । ଇ ଉଧେ ମନ୍ତ୍ରୀ ଶ୍ରୀ ନାଏକ୍ ସର୍ଗିଫୁଲ ଉସ୍‌ବ୍ କିଶୋର୍ ସୃଜନ୍‌ଶକ୍ତିକେ ଆହୁରି ବର୍‌କସ୍ କର୍‌ବା ବଲି କହିଛନ୍ । ଆଏଜ୍ ୨୦୨୪ ବଛର୍ ୧୦ କ୍ଲାସ୍ ବୋର୍ଡ଼ ପରୀକ୍ଷାଥି ଭଲ୍ କରିଥିବା ୧୦ ଝନ୍ ଅନୁସୂଚିତ ଜନଜାତି ଆର୍ ଜାତି ୧୦ ଝନ୍ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ଶ୍ରୀ ନାଏକ୍ ୫ ହଜାର୍ ଟଙ୍କା ଲେଖା ପୁରସ୍କାର୍ ଦେଇଥିଲେ । ଇନ ରାଜ୍ୟସ୍ତରୀୟ ବିଜ୍ଞାନ୍ ମେଳା ଭିଲ୍ ଚାଲିଛେ ।

ଗ୍ରାମାଂଚଲ୍-ଆବାସ୍ ସର୍ଭେ ହି.ସ.

ରାଜ୍ୟର୍ ଗ୍ରାମାଂଚଲ୍‌ମାନ୍‌କେ ଆବାସ୍ ସର୍ଭେ କାମ୍ ଆଏବା ୨ ମାସ୍ ଭିତ୍‌ରେ ସର୍‌ବା ବଲି ପଂଚାୟତ୍‌ରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ସେ କହିଛନ୍ ଯେ, ଗ୍ରାମ୍ ସଭା ମାନ୍‌କର୍ ଜରିଏ ଫି ଗାଁଥି ସଚେତନ୍ କରାଯାଉଛେ ଆର୍ ଲୋକ୍‌ମାନ୍‌କୁ ସାମିଲ୍ କରାଯାଉଛେ । ବିଭାଗ୍‌ର ପ୍ରଶିକ୍ଷକମାନେ ଗାଁ ଗାଁ ବୁଲିକରି ଲୁକ୍‌କୁ ସଚେତନ୍ କରଉଛନ୍ । ଯେନ୍‌ମାନେ ଆବାସ ତାଲିକାନୁ ବାଦ୍ ପଡ଼ିଯାଇଥିଲେ ଇହାଦେ ସମ୍‌କୁ ଇ ସର୍ଭେ ଜରିଏ ତାଲିକାଭୁକ୍ତ କରାଯିବା । ପଂଚାୟତ୍‌ରାଜ୍ ବିଭାଗ୍ ଇ ସର୍ଭେକେ ଅଏତ୍‌କା ଗୁରୁତ୍ୱ ଦଉଛେ ଆର୍ ମନ୍ତ୍ରୀମାନେ ଭିନ୍ ଭିନ୍ ଜିଲ୍ଲା ଗସ୍ତ ସମିଆଥି ଆବାସ ସର୍ଭେର ସମୀକ୍ଷା କରୁଛନ୍ ବଲି ମନ୍ତ୍ରୀ ଶ୍ରୀ ନାଏକ୍ ସୂଚ୍‌ନା ଦେଇଛନ୍ ।

ଯକ୍ଷ୍ମା ଆର୍‌ଏନ୍‌ୟୁ/କଟକ୍

ଶହେ ଦିନ୍‌ତକ୍ ହେବାର୍‌କେ ଥିବା ସଘନ ଯକ୍ଷ୍ମା ନିରାକରଣ୍ କାର୍ଯ୍ୟକ୍ରମ୍ ଗଲା ୭ ତାରିଖ୍‌ନୁ ମୁଲ୍ ହେଇଛେ । ରାଜ୍ୟର୍ ବଲାଙ୍ଗିର୍, ବର୍‌ଗଡ୍, ବୌଦ୍ଧ, ଦେବ୍‌ଗଡ୍, କଲାହାଣ୍ଡି, ସୁବର୍ଣ୍ଣପୁର୍ ଆର୍ ସୁନ୍ଦର୍‌ଗଡ୍ ସହେତେ ରାଜ୍ୟର୍ ୧୯ ଟା ଯକ୍ଷ୍ମା ପ୍ରବଣ୍ ଜିଲ୍ଲା ନ ଇ କାର୍ଯ୍ୟକ୍ରମ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ୬୦ ବଛର୍‌ନୁ ଅଏତ୍‌କା ବୟସର୍ ଲୋକ୍, ମଧୁମେହ ପିଡ଼ିତ, ଅପପୁଷ୍ଟିର୍ ଶିକାର୍ କି ଏଚ୍‌ଆଇଭି ଆକ୍ରାନ୍ତ ବ୍ୟକ୍ତି, ଧୂମପାନ ଆଉ ମଦ୍ୟପାଦ କରୁଥିବାର୍ ବ୍ୟକ୍ତିଙ୍କର୍ ସହେତେ ୫ ବଛର୍ ଭିତ୍‌ରେ ଯକ୍ଷ୍ମାଥି ସଂକ୍ରମିତ୍ ହେଇଥିବା ଲୁକ୍‌କୁ ଚିକିତ୍ସା କରାଯାଇକରି ଯକ୍ଷ୍ମା ନିରାକରଣ୍ କାମ୍‌ଥି ସାମିଲ୍ କରାଯାଇଛେ ।

ଯକ୍ଷ୍ମା ମୁକ୍ତ ଭାରତ                ସୁବର୍ଣ୍ଣପୁର ସମ୍ବାଦଦାତା

ଭାରତ୍‌କେ ଯକ୍ଷ୍ମା ମୁକ୍ତ କର୍‌ବାର୍ ଲାଗି ସାରା ଦେଶେ ଚାଲୁଥିବା ଶହେ ଦିନିଆ ଯକ୍ଷ୍ମା ନିରାକରଣ୍ ଅଭିଯାନ୍‌କେ ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତର୍‌ଫୁ ତୁର୍‌ତି କରାଯାଇଛେ । ଜିଲ୍ଲାଥି ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ୍ କର୍‌ବାର୍ ସଙ୍ଗେ ଇ ରୋଗ୍ ନିରାକରଣ୍ ଲାଗି କ୍ଷେତ୍ରୀୟ ସ୍ତର୍‌ଥି ସ୍ୱାସ୍ଥ୍ୟକର୍ମୀମାନ୍‌କର୍ ସହଯୋଗ୍‌ଥି ପରୀକ୍ଷଣ ଆର୍ ମାହାଲିଆ ଉଷୋ ବାଂଟ୍‌ବାର୍ କାମ୍ ଜାରି ରହିଛେ । ସୁବର୍ଣ୍ଣପୁର

ଜିଲ୍ଲାରୁ ଚାଲିଥିବା ଯକ୍ଷ୍ମା ନିରାକରଣ୍ ଅଭିଯାନ୍ ବାବ୍‌ଦେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ ଗୁରୁ କହିଛନ୍

......v/o.......

ସାହିତ୍ୟ ଏକାଡେମୀ ପୁରସ୍କାର ହି.ସ.

ଇ ବଛରର୍ ମର୍ଯ୍ୟାଦାଜନକ୍ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଏବାର୍ ଲାଗି ବିଶିଷ୍ଟ ଲେଖକ ପ୍ରଫେସର୍ ବୈଷ୍ଣବ ଚରଣ ସାମଲ୍ ମନୋନୀତ୍ ହେଇଛନ୍ । ତାଙ୍କର୍ ବହି 'ଭୁତି-ଭକ୍ତି-ବିଭୁତି' ଲାଗି ତାଙ୍କୁ ଇ ପୁରସ୍କାର ମିଲ୍‌ବା । ପ୍ରବନ୍ଧ ଆର୍ ସମାଲୋଚନା କ୍ଷେତ୍ରରୁ ଆଗ୍‌ଧାଡ଼ିର୍ ଲେଖକ୍‌ମାନକର୍ ଭିତ୍‌ରେ ପ୍ରଫେସର ସାମଲଙ୍କର୍ ବହି 'ଭୁତି-ଭକ୍ତି-ବିଭୁତି' ରହିଛେ । ପ୍ରଫେସର ସାମଲ ଉତ୍କଳ ବିଶ୍ୱବିଦ୍ୟାଳୟ ଆର୍ ଶାନ୍ତି ନିକେତନ୍ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ଠାନେ ବରିଷ୍ଠ ଅଧ୍ୟାପକ୍ ଭାବେ କାମ୍ କରି ଆସୁଛନ୍ ।

ପୁରସ୍କାର୍ ଘୋଷ୍‌ନା ଉତ୍‌ରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ବିଶିଷ୍ଟ ସାହିତ୍ୟିକ୍ ପ୍ରଫେସର୍ ବୈଷ୍ଣବ୍ ଚରଣ୍ ସାମଲଙ୍କୁ ଶୁଭେଚ୍ଛା ଜନେଇଛନ୍ । ଶ୍ରୀ ସାମଲ୍ ଓଡ଼ିଆ ସାହିତ୍ୟରୁ ନିଜର୍ ଗୁଟେ ଅଲଗ୍ ପରିଚୟ ବନେଇକରି ରାଜ୍ୟକେ ଗର୍ବିତ୍ କରିଥିବାର୍‌ନୁ ଧନ୍ୟବାଦ୍ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ସାହିତ୍ୟ ଏକାଡେମୀ ପୁରସ୍କାର ହି.ସ.

ଇ ବଛ୍ରର୍ ମର୍ଯ୍ୟାଦାଜନକ୍ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଏବାର୍ ଲାଗି ବିଶିଷ୍ଟ ଲେଖକ ପ୍ରଫେସର୍ ବୈଷ୍ଣବ ଚରଣ ସାମଲ୍ ମନୋନୀତ୍ ହେଇଛନ୍ । ତାଙ୍କର୍ ବହି 'ଭୁତି-ଭକ୍ତି-ବିଭୁତି' ଲାଗି ତାଙ୍କୁ ଇ ପୁରସ୍କାର ମିଲ୍‌ବା । ପ୍ରବନ୍ଧ ଆର୍ ସମାଲୋଚନା କ୍ଷେତ୍ରଥି ଆଗ୍‌ଧାଡ଼ିର୍ ଲେଖକ୍‌ମାନକର୍ ଭିତ୍‌ରେ ପ୍ରଫେସର ସାମଲଙ୍କର୍ ବହି 'ଭୁତି-ଭକ୍ତି-ବିଭୁତି' ରହିଛେ । ପ୍ରଫେସର ସାମଲ ଉତ୍କଳ ବିଶ୍ୱବିଦ୍ୟାଳୟ ଆର୍ ଶାନ୍ତି ନିକେତନ୍ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ଠାନେ ବରିଷ୍ଠ ଅଧ୍ୟାପକ୍ ଭାବେ କାମ୍ କରି ଆସୁଛନ୍ ।

ପୁରସ୍କାର୍ ଘୋଷ୍‌ନା ଉତ୍‌ରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ବିଶିଷ୍ଟ ସାହିତ୍ୟିକ୍ ପ୍ରଫେସର୍ ବୈଷ୍ଣବ୍ ଚରଣ୍ ସାମଲଙ୍କୁ ଶୁଭେଚ୍ଛା ଜନେଇଛନ୍ । ଶ୍ରୀ ସାମଲ୍ ଓଡ଼ିଆ ସାହିତ୍ୟଥି ନିଜର୍ ଗୁଟେ ଅଲଗ୍ ପରିଚୟ ବନେଇକରି ରାଜ୍ୟକେ ଗର୍ବିତ୍ କରିଥିବାର୍‌ନୁ ଧନ୍ୟବାଦ୍ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ଦିବା ପହୁଡ଼ ନୀତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିରଠାନେ ଆଏଜ୍ ଦିବାପହୁଡ଼ ନୀତି ହେଇଯାଇଛେ । ମାହାପୁରଙ୍କର ଇ ନୀତିର୍ ଲାଗି ଦୁଇ ପହରର୍ ଦୁଇ ବାଜିକରି ୩୦ ମିନିଟ୍‌ନୁ ବେଲ୍‌ବୁଡ଼ାର୍ ୬ ବଜେତକ୍ ସର୍ବ ସାଧାରଣ୍ ଦର୍ଶନ୍ ବନ୍ଦ ରହିଥିଲା । ସେଆଡ଼େ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ୍ ଇ ନୀତି ଲାଗି ଆଏଜ୍ ବନ୍ଦ ରହିଥିଲା ଆର୍ ଆଏବା କାଏଲ୍‌ଠାରୁ ଧାରିଜ୍ ସମିଆ ଅନ୍‌ସାରେ ରତ୍ନଭଣ୍ଡାର ମରାମତି କାମ୍ ମୁଲ୍ ହେବା ।

ରାଜ୍ୟସ୍ତରୀୟ ବାଲ୍‌ବୈଜ୍ଞାନିକ୍ ପ୍ରଦର୍ଶନୀ  ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ବର୍‌ପାଲି ବାଳକ ହାଇସ୍କୁଲ୍ ପଡ଼ିଆ ନ ରାଜ୍ୟସ୍ତରୀୟ ବାଲ୍‌ବୈଜ୍ଞାନିକ୍ ପ୍ରଦର୍ଶନୀ -୨୦୨୪-୨୫ ହେଇଯାଇଛେ । ସ୍କୁଲ୍ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଛନ୍ ।  ପ୍ରଦର୍ଶନୀଥି ରାଜ୍ୟର୍ ଫି’ ଜିଲ୍ଲାର୍ ୬ ଝନ୍ ଲେଖା ବାଲ୍ ବୈଜ୍ଞାନିକ୍ ଉପସ୍ଥିତ୍ ରହିକରି ୭ ଟା ବିଷେଥି ପ୍ରକଳ୍ପ ପ୍ରଦର୍ଶନ୍ କରିଥିଲେ । ଇଥି ୨ ଶହ ୧୦ ଟା ପ୍ରକଳ୍ପ ପ୍ରଦର୍ଶିତ୍ ହେଇଥିଲା । ପ୍ରଦର୍ଶନୀ ଆଏବା ୨୦ ତାରିଖ୍‌ତକ୍ ଚାଲ୍‌ବା ।

ଆନ୍ତର୍ଜାତୀୟ ପ୍ରବାସୀ ଶ୍ରମିକ୍ ଦିବସ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ଅନ୍ତର୍ଜାତୀୟ ପ୍ରବାସୀ ଶ୍ରମିକ୍ ଦିବସ୍ । ପ୍ରବାସୀ ଶ୍ରମିକ ଆର୍ ସେମାନ୍‌କର ପରିବାର୍‌ର ଅଧିକାର୍ ଆର୍ ସୁରକ୍ଷା ସହେତେ ଦେଶ୍ ଆର୍ ସମାଜ୍ ଗଠନ୍‌ଥି ସେମାନ୍‌କର୍ ଅବ୍‌ଦାନ୍ ବାବ୍‌ଦେ ଲୁକ୍‌କୁ ଜନାବାର୍ ଲାଗି ୨୦୦୦ ମସିହାନୁ ଅନ୍ତର୍ଜାତୀୟ ପ୍ରବାସୀ ଶ୍ରମିକ୍ ଦିବସ୍ ପାଲନ୍ କରାଯାଉଛେ । ଦେଶର୍ ଅର୍ଥନୀତିଥି ଲାଖ୍ ଲାଖ୍ ପ୍ରବାସୀଙ୍କର୍ ଅବ୍‌ଦାନ୍‌କେ ମନେ ପକେଇକରି ସେମାନ୍‌କର୍ ମାନବିକ ଅଧିକାର୍‌କେ ସମ୍ମାନ୍ ଦେବାର୍ ଆର୍ ସଚେତନତା ସୃଷ୍ଟି କର୍‌ବାର୍ ଇ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ସେଆଡ଼େ ଇ ସମିଆ ଭିତ୍‌ରେ ସାରା ପୁର୍‌ଥି ନ ପାଖାପାଖି ୨୮ କୋଟି ଲୋକ୍ ପ୍ରବାସୀ ଭାବେ ରହୁଛନ୍ । ଯେନ୍‌ଟାକି ବିଶ୍ୱ ଜନସଂଖ୍ୟାର୍ ୩ ଦଶ୍‌ମିକ୍ ୬ ପ୍ରତିଶତ୍ ଆଏ । ସେଆଡ଼େ ୧୭ ଲାଖ୍ ଲୋକ୍ ଓଡ଼ିଶାନୁ ଅଲ୍‌ଗା ରାଜ୍ୟକେ ପ୍ରବାସୀ ଭାବେ ବିସ୍ଥାପିତ୍ ହେସନ୍ ।

ମଠ୍‌ଖାଇ ମହୋତ୍ସବ୍ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ନ ଆଏବା ୫ ତାରିଖ୍‌ନୁ ମୁଲ୍ ହେବା ମଠ୍‌ଖାଇ ମହୋତ୍ସବ୍ । ସହରର୍ ମହାଲକ୍ଷ୍ମୀନଗର୍ ସଂସ୍କୃତି ମଣ୍ଡପ୍ ଠାନେ ଆଏଜ୍ ମହୋତ୍ସବ ପ୍ରଚାର୍ କମିଟିର୍ ଆଏଜ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ମହୋତ୍ସବ୍‌ଥି ଭିନ୍ ଭିନ୍ ଭାଷାର୍ ନାଟକ୍ ଆର୍ ସାଂସ୍କୃତିକ୍ କଳା ପ୍ରଦର୍ଶନ୍ ହେବା । ଇ ବଛର୍ ଭିଲ୍ ୫ ଝନ୍ ବିଶିଷ୍ଟ ବ୍ୟକ୍ତିଙ୍କୁ ମଠ୍‌ଖାଇ ସମ୍ମାନ୍ ଦିଆଯିବା ବଲି ସୂଚ୍‌ନା ମିଲିଛେ ।

ବିଚ୍ ଭଲିବଲ୍ ଚମ୍ପିଆନ୍‌ସିପ        ହି.ସ.

ରାଜ୍ୟ ସ୍କୁଲ୍ ସ୍ପୋର୍ଟସ୍ ଏସୋସିଏସନ୍ ଆର୍ ବିଦ୍ୟାଳୟ ଗଣଶିକ୍ଷା ବିଭାଗ୍ ତର୍‌ଫୁ ପୁରୀ ନିଳାଦ୍ରୀ ବିଚ୍ ଠାନେ ୬୮ ନମ୍ବର ବିଚ୍ ଭଲିବଲ୍ ଚମ୍ପିଆନ୍‌ସିପ୍ ଆଏଜ୍ ଉଦ୍‌ଘାଟିତ୍ ହେଇଛେ । ୪ ଦିନ୍‌ତକ୍ ଚାଲ୍‌ବାର୍‌କେ ଥିବା ଇ ଚମ୍ପିଆନ୍‌ସିପ୍‌ଥି ଦେଶର୍ ଭିନ୍ ଭିନ୍ ଜାଗା ନ ମୋଟ୍ ୧୨ ଟା ଦଲ୍ ଇ ଚମ୍ପିଆନ୍‌ସିପ୍‌ଥି ଭାଗ୍ ନେଇଛନ୍ ।

ରେଲ୍ ମନ୍ତ୍ରଣାଳୟର ସୂଚନା        ପିଆଇବି

ବିଶ୍ୱ ପ୍ରସିଦ୍ଧ୍ ମହାକୁମ୍ଭ ମେଲା ଲାଗି ରେଲ୍‌ଥି ଯାତ୍ରୀମାନେ ମାହାଲିଆ ଯା-ଆସ କରିପାର୍‌ବେ ବଲି କିଛି ଗଣମାଧ୍ୟମ୍‌ନେ ଖବର୍ ପ୍ରକାଶ ପାଇଥିଲା । ସେଆଡ଼େ ଇ ଖବର୍‌କେ ରେଲ୍ ମନ୍ତ୍ରଣାଲୟ୍ ଆଏଜ୍ ଖଣ୍ଡନ୍ କରିଛେ । ଇଟା ଗୁଟେ୍ ଭୁଲ୍ ଖବର୍ ଆର୍ ବିଭ୍ରାନ୍ତିକର୍ ବଲି  ବିଭାଗ୍ ସ୍ୱଷ୍ଟ୍ କରିଛେ । ବିନା ଟିକେଟ୍‌ଥି ଯାତ୍ରା କର୍‌ବାର୍‌ଟା ଦଣ୍ଡନୀୟ ଅପରାଧ୍ ଆଏ । ମହାକୁମ୍ଭ ମେଲା କି ଅଲ୍‌ଗା କେହନ୍‌ସି ପର୍ବକେ ଟ୍ରେନ୍‌ଥି ମାହାଲିଆ ଯାତ୍ରା କର୍‌ବାର୍ ଲାଗି କିଛି ବ୍ୟବସ୍ଥା ନାଇନ ବଲି ମନ୍ତ୍ରଣାଲୟ୍ ତର୍‌ଫୁଁ ସୂଚନା ଦିଆଯାଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ କଟକ୍

ପଶ୍ଚିମାଝଡ଼ ପ୍ରଭାବ୍‌ଥି ଆଏବା ସୋମ୍‌ବାର୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଟିକେରଂଚେ ବର୍ଷା ସାଙ୍ଗେ ପାଗ୍ ବାଦ୍‌ଲିଆ ରହେବା ବଲି ଭୁବ୍‌ନେଶ୍ୱର ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨ ଦିନ୍ ଭିତ୍‌ରେ ରାତିର୍ ସବୁନୁ କମ୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ତକ୍ ବଢ଼୍‌ବା । ଆଏଜ୍ ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ରାଉର୍‌କେଲା ନ ୭ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ଥିବାର୍ ବେଲେ ଝାର୍‌ସୁଗୁଡ଼ା ନ ୮ ଦଶ୍‌ମିକ୍

୬, ସୁନ୍ଦର୍‌ଗଡ଼୍ ନ ୮ ଦଶ୍‌ମିକ୍ ୧ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଛେ ।

ସେଆଡ଼େ କଲାହାଣ୍ଡି, ମାଲ୍‌କାନ୍‌ଗିରି, କୋରାପୁଟ୍, ଗଞ୍ଜାମ୍, ଗଜପତି, କନ୍ଧମାଲ୍, ରାୟଗଡ଼ା ଆର୍ ପୁରୀ ଜିଲ୍ଲା ନ ଆଏଜ୍ ଘଡ଼୍‌ଘଡ଼ି ସାଙ୍ଗେ କମ୍ ନୁ ମଧ୍ୟମ୍ ବର୍ଷା ହେଇପାରେ ବଲି ବିଭାଗ୍ କହିଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଗଲାକାଏଲ୍ କନ୍ଧମାଲ୍ ଜିଲ୍ଲାର୍ ଘୁମ୍‌ସର୍ ଉଦୟଗିରି ନ ରାତିର୍ ସବୁନୁ କମ୍ ତାପମାତ୍ରା ୪ ଦଶ୍‌ମିକ୍ ୭ ଡିଗ୍ରୀ ସେଲ୍‌ସିଅସ୍ ତାପମାତ୍ରା ରେକର୍ଡ଼୍ କରାଯାଇଥିଲା ।